# ନବୀନବାବୁଙ୍କର ଗେହ୍ଲା ଅଫିସର

୨୩/୧୨/୨୦୦୨

## ଆମ ଘରର ହାଲ୍‌ଚାଲ୍

ସୌମ୍ୟରଂଜନ ପଟ୍ଟନାୟକ

ନବୀନବାବୁଙ୍କ ନେତୃତ୍ୱରେ ବିଜେଡି ଓ ବିଜେପି ମେଣ୍ଟ ସରକାର କଂଗ୍ରେସର ଭ୍ରଷ୍ଟାଚାର ବିରୋଧରେ ସ୍ୱର ଉତ୍ତୋଳନ କରି କ୍ଷମତାକୁ ଆସିଥିଲେ। କ୍ଷମତାକୁ ଆସିବାର ବର୍ଷକ ଭିତରେ ଦଳର କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ମନ୍ତ୍ରୀ ଶ୍ରୀ ନଳିନୀ ମହାନ୍ତି ଏବଂ ଅନ୍ୟତମ ବରିଷ୍ଠ ମହିଳା ମନ୍ତ୍ରୀ ଶ୍ରୀମତୀ କମଳା ଦାସଙ୍କୁ ଦୁର୍ନୀତି ଅଭିଯୋଗରେ ଅଭିଯୁକ୍ତ କରି ମନ୍ତ୍ରିମଣ୍ଡଳରୁ ବାଦ ଦେଇଥିଲେ। ଭାରତୀୟ ଜନତା ପାର୍ଟିର ପ୍ରଭାବଶାଳୀ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଶାନ୍ତ ନନ୍ଦ ମଧ୍ୟ ଏଥିରୁ ବାଦ ପଡ଼ି ନ ଥିଲେ। ମୋଟାମୋଟି ଭାବେ ନବୀନବାବୁ ଯେ ଭ୍ରଷ୍ଟାଚାର ବିରୋଧରେ ବେପରୁଆ ସଂଗ୍ରାମ କରୁଛନ୍ତି ଏଭଳି ଗୋଟିଏ ଧାରଣା ସୃଷ୍ଟି ହୋଇଥିଲା। ଏବେ ମଧ୍ୟ ଓଡ଼ିଶାର ଗ୍ରାମାଞ୍ଚଳରେ ନବୀନବାବୁଙ୍କର ଏତାଦୃଶ କାର୍ଯ୍ୟାନୁଷ୍ଠାନର ପ୍ରଭାବ କିଛି ମାତ୍ରାରେ ଅଛି। ତେବେ ଲକ୍ଷ୍ୟ କରିବାର କଥା ଯେ, ଏହି କେତେ ମାସ ହେବ ଓଲଟା ଗଙ୍ଗା ବହିଲା ପରି ଲାଗୁଛି। ନବୀନବାବୁଙ୍କ ନିଜ ଦଳରୁ ବହିଷ୍କୃତ ନେତାମାନେ ତାଙ୍କ ବିରୋଧରେ ବହୁ ଦୁର୍ନୀତି ଅଭିଯୋଗ ପ୍ରତିଦିନ ଆଣୁଛନ୍ତି। ବିଜୟ ମହାପାତ୍ର, ନଳିନୀ ମହାନ୍ତି ଏବଂ ରାମକୃଷ୍ଣ ପଟ୍ଟନାୟକ ଶହ ଶହ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଆଣିଛନ୍ତି। ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ଅଭିଯୋଗଗୁଡ଼ିକ ସମ୍ପର୍କରେ ନିରବତା ଅବଲମ୍ବନ କରୁଛନ୍ତି। ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କର ଈର୍ଷା ଓ ଅସୂୟା ବୋଲି କହି ଏଭଳି ଅଭିଯୋଗଗୁଡ଼ିକୁ ଅଣଦେଖା କରିବା ନବୀନବାବୁଙ୍କ ଭାବମୂର୍ତ୍ତି ଦୃଷ୍ଟିରୁ ଆଦୌ ସ୍ପୃହଣୀୟ ହେଉନାହିଁ। ତାଙ୍କର ନିରବତା, ଅଭିଯୋଗଗୁଡ଼ିକ ଯେ କିଛି ପରିମାଣରେ ସତ୍ୟ ବୋଲି ସନ୍ଦେହ ସୃଷ୍ଟି କରୁଛି।

ଆଉ ଗୋଟିଏ କଥା ଆମକୁ ଆଜି ଅଧିକ ବିବ୍ରତ କରୁଛି। ମୁଖ୍ୟମନ୍ତ୍ରୀ ନିର୍ଦ୍ଦିଷ୍ଟ କେତେକ ପ୍ରଶାସକଙ୍କ ଉପରେ ନିର୍ଭରଶୀଳ ହୋଇପଡ଼ିଛନ୍ତି। ସାଧାରଣ ଲୋକଙ୍କ ଭିତରେ ତାଙ୍କର ଭାବମୂର୍ତ୍ତି ଅକ୍ଷୁଣ୍ଣ ଅଛି ବୋଲି ତାଙ୍କର କେତେକ କାନକୁହା ବ୍ୟକ୍ତି ତାଙ୍କୁ ବୁଝେଇ ଦେଇଛନ୍ତି। ସେ ଏ ଦୃଷ୍ଟିରୁ ସମ୍ପୂର୍ଣ୍ଣ ନିରାପଦ ଏବଂ ନିରବତା ହିଁ ଶ୍ରେଷ୍ଠ କୌଶଳ ବୋଲି ତାଙ୍କୁ ବୁଝାଇ ଦିଆଯାଇଛି। କୌଣସି ପ୍ରସଙ୍ଗ ଭିତରକୁ ନ ଯାଇ ସେଇମାନଙ୍କ କଥାକୁ ଅଧିକ ବିଶ୍ୱାସ କରୁଥିବାପରି ମନେ ହେଉଛି। ଏପରିକି ସେମାନେ ଯଦି କୁଆକୁ ଧଳା କହି ମୁଖ୍ୟମନ୍ତ୍ରୀଙ୍କୁ ବୁଝାଇଦେବେ, ମୁଖ୍ୟମନ୍ତ୍ରୀ ସେଥିରେ ଅମଙ୍ଗ ହେବେ ନାହିଁ। ଏଇଭଳି କେତେଜଣ ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ଉପରେ ନିର୍ଭର କରି ସରକାରଙ୍କର ଅପାରଗତା ପଦାରେ ପଡୁଛି। ଆଜି କେବଳ ଗୋଟିଏ ଉଦାହରଣ ଦେଉଛୁ।

ମଦ ନିଗମର କଥା ବିଚାର କରାଯାଉ। ସରକାର ମଦର ହୋଲ୍‌ସେଲ୍ ବ୍ୟବସାୟକୁ ନିଜ ହାତକୁ ଏକଚାଟିଆ ଭାବେ ନେବାପାଇଁ ମଦ ନିଗମ ଗଠନ କଲେ। ଏହି ନିଗମ ଗଠନ ପଛରେ ଉଦ୍ଦେଶ୍ୟ ଥିଲା ଯେ, ଏହି ବ୍ୟବସାୟକୁ ହାତକୁ ନେବା ଦ୍ୱାରା କେବଳ ବ୍ୟାବସାୟିକ ଲାଭ ହେବନାହିଁ, ଚୋରା ମଦ କାରବାର ଉପରେ ଅଙ୍କୁଶ ମଧ୍ୟ ଲାଗିବ। ରାଜ୍ୟର ରାଜସ୍ୱ ଆଦାୟରେ ଅଭିବୃଦ୍ଧି ଘଟିବ। ମଦ ନିଗମର ପ୍ରଥମ ବର୍ଷର କାର୍ଯ୍ୟକ୍ରମଗୁଡ଼ିକୁ ଟିକିଏ ତଳେଇ ଦେଖିଲେ ଆମ ପ୍ରଶାସକମାନଙ୍କ ପ୍ରତି ଯେଉଁ ସମ୍ମାନ ରହିବା କଥା ତାହା ରହୁନାହିଁ। ଏହାର ତତ୍କାଳୀନ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଯେପରି କୌଶଳର ଜାଲ ବିସ୍ତାର କଲେ, ସରକାରଙ୍କର ଗେହ୍ଲା ଅଫିସର ହୋଇ ଯେଭଳି ମନୋମୁଖୀ କାର୍ଯ୍ୟ କଲେ, ତା'ର ନଜିର ଓଡ଼ିଶା ପ୍ରଶାସନିକ ଇତିହାସରେ ଖୋଜିଲେ ବି ମିଳିବ ନାହିଁ। ମଦର ଚୋରା କାରବାରକୁ ରୋକିବା ପାଇଁ ଓଡ଼ିଶାରେ ବିକ୍ରି ହେଉଥିବା ପ୍ରତ୍ୟେକ ମଦ ବୋତଲ ଉପରେ ଅଠା ଦିଆ ଲେବୁଲ୍ ଲାଗିବ ବୋଲି କ୍ୟାବିନେଟ୍ ନିଷ୍ପତ୍ତି ନେଇଥିଲେ ଏବଂ ଏହି ଲେବୁଲ୍ ସରକାରଙ୍କ ଦ୍ୱାରା ଅତ୍ୟନ୍ତ ଗୋପନୀୟ ଓ ସୁରକ୍ଷିତ ଭାବରେ ପ୍ରସ୍ତୁତ କରାଯିବ ବୋଲି ନିୟମ ରହିଥିଲା। ସେ ଅନୁସାରେ ଅବକାରୀ କମିଶନର କିଛି ଲେବୁଲ୍ ଆନ୍ଧ୍ରପ୍ରଦେଶରୁ ତିଆରି କରି ନିଗମକୁ ମଧ୍ୟ ଦେଇଥିଲେ। ଏହାପରେ କେଜାଣି କାହିଁକି ପରିଚାଳନା ପରିଷଦକୁ ଅନ୍ଧାରରେ ରଖି ମଦ ନିଗମର ଅଧ୍ୟକ୍ଷ ମହୋଦୟ ପୁଣି ୧ କୋଟି ୨୦ ଲକ୍ଷ ଲେବୁଲ୍ ଛାପିବାକୁ ଏକ ସମବାୟ ସଂସ୍ଥାକୁ ଆଦେଶ ଦେଲେ। ଏହା ଆମ ବିଚାରରେ ଏକ ଧର୍ତ୍ତବ୍ୟ ଅପରାଧ। କ୍ୟାବିନେଟ୍‌ର ନିଷ୍ପତ୍ତିର ଅବମାନନା କରି ଏକତରଫା ଭାବେ ଏଭଳି ଅପରାଧ ଆଉ କେହି କରିଥିଲେ ତା'ର ଜେଲ୍ ଯିବା ଅବସ୍ଥା ହୋଇଥାନ୍ତା। ରେଭେନ୍ୟୁ ଟିକେଟ, ସି'ଫର୍ମ ଓ ସଫା ନୋଟ୍ ମିଳୁନାହିଁ ବୋଲି ନିଜେ ଟିକେଟ୍ ଓ ଜାଲି ନୋଟ ଛାପିବା ଯେଭଳି ଅପରାଧ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକଙ୍କର ଲେବୁଲ ଛାପିବାର ଉଦ୍ୟମ ଅନୁରୂପ ଏକ ଅପରାଧ। କିନ୍ତୁ ପଣ୍ଡିତ ପୁଅ ମାଙ୍କଡ଼ ମାରିଲେ ଦୋଷ ହୁଏ ନାହିଁ ଏବଂ ଆମ ଆଇଏଏସ୍ ଅଫିସର୍‌ମାନଙ୍କର ଜାତିପ୍ରେମ ମାୟାବତୀଙ୍କଠାରୁ ମଧ୍ୟ ବଳିପଡୁଛି। ନିଜଆଡୁ ଏକତରଫା ଭାବେ ଲେବୁଲ୍ ଛାପିବାପାଇଁ ନିର୍ଦ୍ଦେଶ ଦେଇ ଏବଂ ପରବର୍ତ୍ତୀ ସମୟରେ ଏହାର କୌଣସି ହିସାବ ନ ରଖିବା କଥା ସ୍ୱାଭାବିକ ଭାବେ ସନ୍ଦେହ ସୃଷ୍ଟି କରୁଛି। ପ୍ରକୃତରେ କେତେ ଲେବୁଲ୍ ଛପାହେଲା, କେତେ ବଣ୍ଟାଗଲା, ସେଥିରୁ କେତେ ବ୍ୟବହୃତ ହେଲା ଏବଂ ସେ ବାବଦରେ କେତେ ପଇସା ଆଦାୟ ହେଲା, ତା'ର କୌଣସି ହିସାବ ନିଗମ ପାଖରେ ନାହିଁ। ସନ୍ଦେହ ପ୍ରକାଶ ପାଉଛି, ଏଭଳି ଜାଲି ଲେବୁଲ୍ ବ୍ୟବହାର କରି ଶହ ଶହ କୋଟି ଟଙ୍କାର ଚୋରା ମଦ ଓଡ଼ିଶା ବଜାରରେ ବିକ୍ରି ହୋଇଛି।

ମଦ ନିଗମରେ ସେତେବେଳେ ଯେ କି କାରବାର ଚାଲିଥିଲା, ତାହା ଆଉ ଗୋଟିଏ କଥାକୁ ଦୃଷ୍ଟି ଦେଲେ ଅନୁମାନ କରିହେବ। ଅତୀତରେ ଏହି ସ୍ତମ୍ଭରେ ଆମେ ସେହି ପ୍ରସଙ୍ଗକୁ ଉତ୍ଥାପନ କରିଥିଲୁ। ଆଜି ପୁଣି ତାକୁ ଦୋହରାଇବା ଉଚିତ୍ ମନେ କରୁଛୁ। ମଦ ନିଗମ ଗଠନ ହେବା ପରେ ପରେ ହଠାତ୍ ଦେଖାଗଲା ଯେ, ମଦ ବୋତଲଗୁଡ଼ିକର ଦାମ୍ ଯଥେଷ୍ଟ ବଢ଼ିଯାଇଛି। ସାଧାରଣ ପାଠକ ହୁଏତ ଜାଣି ନ ଥିବେ ଯେ ମଦ ବୋତଲର ଦାମ୍ ବଢ଼େଇଦେଲେ ବିକ୍ରିକର ବଢ଼େ ସିନା; ଅବକାରୀ କର ମାତ୍ରାରେ କୌଣସି ପରିବର୍ତ୍ତନ ଘଟେନାହିଁ। ପ୍ରତି ବୋତଲରେ ଥିବା ଆଲ୍‌କୋହଲ୍ ପରିମାଣ ଅନୁସାରେ ଅବକାରୀ କର ଆଦାୟ କରାଯାଏ। ମଦ ନିଗମ ଏକଚାଟିଆ କାରବାର ହାତକୁ ନେବାପରେ ମଦ ବୋତଲ ଦାମ୍ ବଢ଼ିବ ନା କମିବ ତାହା ସାଧାରଣ ପାଠକ ବିଚାର କରିବେ। ପୁଣି ମଦ କମ୍ପାନୀମାନେ ନିଜ ନିଜର ବ୍ରାଣ୍ଡର ମଦକୁ ଅଧିକ ବିକ୍ରି କରିବା ପାଇଁ ବିକ୍ରେତାମାନଙ୍କୁ ବିଭିନ୍ନ ରକମର ସୁବିଧାସୁଯୋଗ ଓ ଡିସ୍କାଉଣ୍ଟ ଦେଇଥାଆନ୍ତି। ଏ କ୍ଷେତ୍ରରେ ମଦ ନିଗମ ଏକମାତ୍ର ବିକ୍ରେତା ହିସାବରେ ଏହିସବୁ ସୁବିଧାସୁଯୋଗ ଓ ଡିସ୍କାଉଣ୍ଟ ପାଇବା କଥା। ସରକାରୀ ନିଗମ ଡିସ୍କାଉଣ୍ଟ ତ ପାଇପାରିଲା ନାହିଁ, ଓଲଟା ଏକଚାଟିଆ କାରବାରର ସୁଯୋଗ ନେଇ ବୋତଲର ଦାମ୍‌କୁ ଏକତରଫା ଭାବେ ବଢ଼େଇଦେବା ଫଳରେ କୋଟି କୋଟି ଟଙ୍କାର ଲାଭ ମଦ କମ୍ପାନୀମାନେ ପାଇଲେ। ବିନା କୌଣସି ପରିଶ୍ରମରେ ଏଭଳି ଲାଭ କରେଇଦେଇଥିବାରୁ ଏହି କମ୍ପାନୀମାନେ ମଦ ନିଗମର ଅଧ୍ୟକ୍ଷଙ୍କୁ ଯେ ଖୁସି ହୋଇ କିଛି 'ଦାମିକା ମିଠା' ଦେଇଥିବେ ଏକଥା କ'ଣ ଭାବିବା ଅମୂଳକ? ଆମ ହିସାବରେ ସେତେବେଳେ ଏ ବାବଦରେ ପ୍ରାୟ ୩୦ କୋଟି ଟଙ୍କାରୁ ଅଧିକ ଲାଭ ରାଜନେତା, ନିଗମ କର୍ତ୍ତୃପକ୍ଷ ଓ କମ୍ପାନୀମାନେ ନିଜ ନିଜ ଭିତରେ ବାଣ୍ଟି ନେଇଛନ୍ତି। ଆମର ସନ୍ଦେହ ଅଧିକ ଘନୀଭୂତ ହେଉଛି, ଯେତେବେଳେ ଆମେ ଅନୁସନ୍ଧାନରୁ ଜାଣୁଛୁ ଯେ, ଏଭଳି ପରିସ୍ଥିତିରୁ ଦୂରେଇ ରହିବାପାଇଁ ଅବକାରୀ ନୀତି ସମ୍ପର୍କିତ ଟାସ୍କ ଫୋର୍ସ ଏ ବାବଦରେ ଏକ ନିର୍ଦ୍ଦିଷ୍ଟ ପରାମର୍ଶ ଦେଇଥିଲେ। ଏହି ପରାମର୍ଶ ଅନୁସାରେ ମଦର ମୂଲ୍ୟ ନିର୍ଦ୍ଧାରଣ ପାଇଁ ଏକ ସ୍ଥାୟୀ କମିଟି ଗଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି କମିଟିରେ ବିକ୍ରିକର କମିଶନର, ଅବକାରୀ ସଚିବ ଏବଂ ଅବକାରୀ କମିଶନର ସଭ୍ୟ ରହିବେ ବୋଲି ନିଷ୍ପତ୍ତି ହୋଇଥିଲା। ପରିଚାଳନା ପରିଷଦର ଏହି ନିଷ୍ପତ୍ତିକୁ କୌଶଳକ୍ରମେ ଜାଲିଆତି କରି କାଟିଦେବା କଥା କ'ଣ ମିଛ? ଏଭଳି କାହିଁକି କରିଛ ବୋଲି ଆପତ୍ତି କରି ଅବକାରୀ ସଚିବ ନିଗମ ଅଧ୍ୟକ୍ଷଙ୍କ ପାଖକୁ ଲେଖିଥିବା ଚିଠି କଥା କ'ଣ ସତ ନୁହେଁ? ଏ ସବୁ ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ବେଶି ସମୟ ଲାଗିବ ନାହିଁ। ମାନ୍ୟବର ମୁଖ୍ୟମନ୍ତ୍ରୀ ଟେଲିଫୋନ୍ ଉଠାଇ ଅବକାରୀ ସଚିବଙ୍କୁ ପଚାରିଲେ ସେ ଏହା ତତ୍‌କ୍ଷଣାତ୍ କହିଦେଇ ପାରିବେ। କିନ୍ତୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହା କରିବେ ନାହିଁ। କଲେ ତାଙ୍କର ଗେହ୍ଲା ଅଫିସର ଅଡୁଆରେ ପଡ଼ିବେ।